RNI No.ODIODI/2010/33031
୧୭ ବର୍ଷ Volume-17
ISSUE -60 ସଂଖ୍ୟା-୬୦
ଭୁବନେଶ୍ୱର, ବୁଧବାର ୧୩ ମଇ ୨୦୨୬
Bhubaneswar, Wednesday 13 May, 2026
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର

ପ୍ରଶ୍ନପତ୍ର ଲିକ୍ ଯୋଗୁ ନିଟ୍ ୟୁଜି ପରୀକ୍ଷା ବାତିଲ୍

ନୂଆଦିଲ୍ଲୀ: ନାସନାଲ୍ ଟେଷ୍ଟିଂ ଏଜେନ୍ସୀ ନିଟ୍ ୟୁଜି (ନିଟ୍ ୟୁଜି) ପରୀକ୍ଷା ବାତିଲ କରିବାକୁ ନିଷ୍ପତ୍ତି ନେଇଛି । ଚଳିତ ମାସ ୩ ତାରିଖ, ରବିବାର ହୋଇଥିବା ନିଟ୍ ପରୀକ୍ଷା ପେପର୍ ଲିକ୍ ହୋଇଥିବା ଅଭିଯୋଗ ଆଧାରରେ ଏହି ନିଷ୍ପତ୍ତି ହୋଇଛି। ନିଟ୍ ପରୀକ୍ଷା ଦ୍ୱିତୀୟ ଥର ପାଇଁ କରାଯିବ ବୋଲି ଏନଟିଏ ମଙ୍ଗଳବାର ଏକ ନୋଟିସ୍ ଜାରି କରି ସୂଚନା ଦେଇଛି । ଖୁବ ଶୀଘ୍ର ନୂତନ ତାରିଖ ଘୋଷଣା କରାଯିବ। ସିବିଆଇର ରିପୋର୍ଟ ଆଧାରରେ ଏହି ନିଷ୍ପତ୍ତି ନେଇଛି ଏନଟିଏ ।

◯ ମେ' ୩ରେ ୨୨ ଲକ୍ଷରୁ ଅଧିକ ପିଲା ପରୀକ୍ଷା ଦେଇଥିଲେ

◯ ପୁଣି ଥରେ ହେବ ପରୀକ୍ଷା, ସିବିଆଇ କରିବ ତଦନ୍ତ

ଏନଟିଏ କହିଛି ଯେ ଗତ ୧୦ ମେରେ ଜାରି ହୋଇଥିବା ପ୍ରେସ ରିଲିଜ୍ ଆଧାରରେ ଏହି ନିଷ୍ପତ୍ତି ନିଆଯାଇଛି । ୮ ମେରେ ପରୀକ୍ଷା ସହିତ ଜଡ଼ିତ ସ୍ୱତନ୍ତ୍ର ତଦନ୍ତର ଆବଶ୍ୟକ ଥିବା ନେଇ ସିବିଆଇ ଚିଠି କରାଯାଇଥିଲା । ଆଇନ ପ୍ରବର୍ତ୍ତନ ସଂସ୍ଥାରେ ରିପୋର୍ଟ ଆଧାରରେ ସିବିଆଇ ଏକ ସମୀକ୍ଷା କରିଛି। ଆଗାମୀ ଦିନରେ ଏହି ମାମଲାରେ ସିବିଆଇ ତଦନ୍ତ କରିବ । ତଦନ୍ତରେ ଏନଟିଏ ସିବିଆଇକୁ ପୂର୍ଣ୍ଣ ସହଯୋଗ କରିବ । ତେବେ ଖୁବଶୀଘ୍ର ପୁନଃପରୀକ୍ଷା କରାଯିବ । କିନ୍ତୁ ଏଥିପାଇଁ ପୁନର୍ବାର ଆବେଦନ କରିବାର ଆବଶ୍ୟକତା ନାହିଁ । ପୁରୁଣା ଆବେଦନ ଅନୁସାରେ ଆଡମିଟ୍ କାର୍ଡ ମିଳିବ । ଏଥିପାଇଁ ଅତିରିକ୍ତ ଶୁଳ୍କ ମଧ୍ୟ ଦେବାକୁ ପଡ଼ିବ ନାହିଁ । ଯେଉଁମାନେ ଟଙ୍କା ପୈଠ କରିଛନ୍ତି ସେମାନଙ୍କୁ ଫେରସ୍ତ କରାଯିବ । ଉଲ୍ଲେଖ ଯୋଗ୍ୟ, ନିଟ୍ ପରୀକ୍ଷା ଶେଷ ହେବା ପରେ ରାଜସ୍ଥାନରେ ପାଖାପାଖି ୪୫ ଜଣ ବ୍ୟକ୍ତି ନିଟ୍ ପେପର୍ ଲିକ୍ ହେବା ମାମଲାରେ ଅଟକ ରଖିଛନ୍ତି । ସନ୍ଦେହରେ ଥିବା ପ୍ରଶ୍ନ ପତ୍ର ଏକ ଛାପା ଖାନାରୁ ଲିକ୍ ହୋଇଥିବା ଅନୁମାନ କରାଯାଇଛି । ଯାହାକି ନିଟ୍ ପରୀକ୍ଷାର ସୁରକ୍ଷାକୁ ନେଇ ପ୍ରଶ୍ନ ବାଚୀ ସୃଷ୍ଟି କରିଛି । ଏହା ମଧ୍ୟ ସନ୍ଦେହ କରାଯାଉଛି ଯେ ପ୍ରିଣ୍ଟିଂ ପ୍ରେସରୁ ହାତ ଲେଖା ମାଧ୍ୟମରେ ପେପର୍ ଲିକ୍ ହୋଇଛି ।

ସରକାରଙ୍କ ବର୍ଷିଲେ ରାହୁଲ ଗାନ୍ଧୀ

ନୂଆଦିଲ୍ଲୀ, ୧୨।୫: ସାରା ଦେଶରେ ପ୍ରଶ୍ନପତ୍ର ଲିକକୁ ନେଇ ଝଡ ଦେଖିବାକୁ ମିଳିଛି। ଏହି ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଛନ୍ତି ରାହୁଲ ଗାନ୍ଧି। ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ତଥାକଥିତ ଅମୃତ କାଳ ଏବେ ଦେଶ ପାଇଁ ବିଷ କାଳରେ ପରିଣତ ହୋଇ ଯାଇଛି। ତାଙ୍କ କହିବା କଥା ଯେ ଦୁର୍ନୀତି ଗ୍ରସ୍ତ ବିଜେପି ଶାସନ ଯୋଗୁ ଏବେ ୨୨ ଲକ୍ଷରୁ ଅଧିକ ଶିକ୍ଷାର୍ଥୀଙ୍କ କଠିନ ପରିଶ୍ରମ, ବଳିଦାନ ଓ ସ୍ୱପ୍ନ ଧୂଳିସାତ ହୋଇ ଯାଇଛି। ସେ ଏକ୍ସରେ ଗୋଟିଏ ପୋଷ୍ଟ କରି ଲେଖିଛନ୍ତି ଯେ "ନିଟ ୨୦୨୬ ପରୀକ୍ଷା ବାତିଲ ହୋଇଯାଇଛି। ୨୨ ଲକ୍ଷରୁ ଅଧିକ ଶିକ୍ଷାର୍ଥୀଙ୍କ କଠିନ ପରିଶ୍ରମ, ବଳିଦାନ ଓ ସ୍ୱପ୍ନ ଏବେ ଏହି ଦୁର୍ନୀତି ଖୋର ବିଜେପି ଶାସନ ଧ୍ୱଂସ କରି ଦେଇଛି। କିଛି ପିଲାଙ୍କ ବାପା ଋଣ କରିଥିଲେ, କିଛି ପିଲାଙ୍କ ମା' ନିଜର ଅଳଙ୍କାର ବିକ୍ରି କରି ଦେଇଥିଲେ, ଲକ୍ଷାଧିକ ପିଲା ରାତି ରାତି ଅନିଦ୍ରା ରହି ପାଠ ପିଥିଲେ। ଏହା ବଦଳରେ ସେମାନେ ପାଇଛନ୍ତି ପ୍ରଶ୍ନପତ୍ର ଲିକ, ସରକାରୀ ଅବହେଳା ଓ ଶିକ୍ଷା ବ୍ୟବସ୍ଥାରେ ଥିବା ସଂଗଠିତ ଦୁର୍ନୀତି। ଏହା କେବଳ ଗୋଟିଏ ବିଫଳତା ନୁହେଁ, ଏହା ଆମ ଯୁବଗୋଷ୍ଠୀଙ୍କ ଭବିଷ୍ୟତ ବିରୋଧରେ ଅପରାଧ। ପ୍ରତିଥର ପ୍ରଶ୍ନପତ୍ର ମାଫିଆ ବେଶ ଆରାମରେ ଖସି ଯାଉଛନ୍ତି। ହେଲେ ସ୍ୱଚ୍ଛ ଶିକ୍ଷାର୍ଥୀମାନେ ଦଣ୍ଡ ପାଉଛନ୍ତି। ଏବେ ଲକ୍ଷାଧିକ ପିଲା ସମାନ ମାନସିକ ଚାପ, ଆର୍ଥିକ ବୋଝ ଓ ଅନିଶ୍ଚିତାର ସମ୍ମୁଖୀନ ହେବେ। ଯଦି ଜଣଙ୍କ ଭାଗ୍ୟ କଠିନ ପରିଶ୍ରମ ବଦଳରେ ଟଙ୍କା ଦ୍ୱାରା ନିର୍ଦ୍ଧାରିତ ହେବ, ତା'ହେଲେ ଶିକ୍ଷାର ମୂଲ୍ୟ କ'ଣ ରହିଲା ପ୍ରଧାନମନ୍ତ୍ରୀଙ୍କ ତଥାକଥିତ ଅମୃତକାଳ ଏବେ ଦେଶ ପାଇଁ ବିଷ କାଳରେ ପରିଣତ ହୋଇଛି।" ରାହୁଲ ଗାନ୍ଧିଙ୍କ ଠାରୁ ଆରମ୍ଭ କରି ଅନେକ ନେତା ଓ ଶିକ୍ଷାବିତ ଘଟଣାକୁ ସମାଲୋଚନା କରୁଥିବା ବେଳେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏଯାଏ ଏହା ଉପରେ ମୁହଁ ଖୋଲି ନାହାନ୍ତି।

ବାଲିଅନ୍ତା କନେଷ୍ଟବଲ ହତ୍ୟା ମାମଲାରେ ଆଉ ଜଣେ ଗିରଫ

ଭୁବନେଶ୍ୱର,୧୨।୫(ନି.ପ୍ର.); ଭୁବନେଶ୍ୱର ଉପକଣ୍ଠ ବାଲିଅନ୍ତାରେ କନେଷ୍ଟବଲ ସୌମ୍ୟ ରଞ୍ଜନ ହତ୍ୟା ମାମଲା ଦିନକୁ ଦିନ ଆହୁରି ଚର୍ଚ୍ଚିତ ହେଉଛି। ଘଟଣାର ତଦନ୍ତ ଦାୟିତ୍ୱ ନେବା ପରେ କ୍ରାଇମବ୍ରାଞ୍ଚ ତଦନ୍ତକୁ ଜୋରଦାର କରିଥିବା ବେଳେ ଏବେ ଆଉ ଜଣେ ଅଭିଯୁକ୍ତକୁ ଗିରଫ କରାଯାଇଛି। ଏହା ସହ ମୋଟ ଗିରଫଦାରୀ ସଂଖ୍ୟା ୧୨ରେ ପହଞ୍ଚିଛି। ଗିରଫ ହୋଇଥିବା ଅଭିଯୁକ୍ତ 'ବଣ୍ଟି'କୁ କ୍ରାଇମବ୍ରାଞ୍ଚ ଗତକାଲି ବିଳମ୍ବିତ ରାତିରେ ଧରିଥିବା ବେଳେ ଆଜି ତାଙ୍କୁ କୋର୍ଟ ଚାଲାଣ କରାଯିବାକୁ ଥିବା ସୂଚନା ମିଳିଛି।

ଏହି ସମ୍ବେଦନଶୀଳ ମାମଲାରେ କ୍ରାଇମବ୍ରାଞ୍ଚର ତଦନ୍ତ ଏବେ ତୃତୀୟ ଦିନରେ ପହଞ୍ଚିଛି। ପୂର୍ବରୁ କମିଶନରେଟ୍ ପୋଲିସ ଦୁଇଟି ପର୍ଯ୍ୟାୟରେ ୧୧ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ବର୍ତ୍ତମାନ ସମସ୍ତେ ଜେଲରେ ଅଛନ୍ତି। କିନ୍ତୁ ଏହି ଘଟଣାରେ ଆହୁରି ଅନେକ ଲୋକ ସମ୍ପୃକ୍ତ ଥିବା ସନ୍ଦେହକୁ ନେଇ ତଦନ୍ତକୁ ଆହୁରି ତେଜ କରାଯାଇଛି।ଘଟଣାସ୍ଥଳରୁ ଭାଇରାଲ ହୋଇଥିବା ଭିଡିଓରେ ୫୦ରୁ ଅଧିକ ଲୋକ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା। ସେହି ଭିଡିଓ ଏବେ କ୍ରାଇମବ୍ରାଞ୍ଚ ପାଇଁ ସବୁଠାରୁ ବଡ଼ ସୂତ୍ର ହୋଇଥିବା ବେଳେ, ଭିଡିଓ ଆଧାରରେ ପ୍ରତ୍ୟେକ ଅଭିଯୁକ୍ତଙ୍କୁ ଚିହ୍ନଟ କରିବା ଏକ ବଡ଼ ଚ୍ୟାଲେଞ୍ଜ ହୋଇଛି। ତଦନ୍ତକାରୀ ଟିମ୍ ଭିଡିଓ ଫୁଟେଜ୍, ମୋବାଇଲ ଲୋକେସନ୍ ଓ ସ୍ଥାନୀୟ ସୂଚନାକୁ ଆଧାର କରି ଅଭିଯୁକ୍ତମାନଙ୍କ ଖୋଜଖବର ନେଉଛି।

ଅନ୍ୟପକ୍ଷରେ ଗିରଫଦାରୀ ଭୟରେ ବେଣ୍ଟପୁର ଓ ଆଖପାଖ ଗାଁର ଅନେକ ପୁରୁଷ ଫେରାର ହୋଇଯାଇଥିବା ଜଣାପଡ଼ିଛି। କ୍ରାଇମବ୍ରାଞ୍ଚର ଏକାଧିକ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛନ୍ତି। ଏହି ଘଟଣାକୁ ନେଇ ସାରା ରାଜ୍ୟରେ ଚର୍ଚ୍ଚା ଜୋର ଧରିଥିବା ବେଳେ, ଶୀଘ୍ର ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି କ୍ରାଇମବ୍ରାଞ୍ଚ ଝଚ ଅନିରୁଦ୍ଧ ରାଉତରାୟ ସୂଚନା ଦେଇଛନ୍ତି।

ଚେନ୍ନାଇ ଏୟାରପୋର୍ଟରେ ନିଆଁ

ଚେନ୍ନାଇ,୧୨।୫(ନି.ପ୍ର.): ଉଡାଣ ଭରିବାକୁ ଯାଉଥିବା ଏକ ବିମାନରେ ନିଆଁ ଲାଗିଯାଇଛି । ବିମାନରେ ପାଖାପାଖି ୨୮୦ ଯାତ୍ରୀ ଥିବାବେଳେ ଏହି ଅଘଟଣ ଘଟିଥିଲା । ବିମାନ ଉଡାଣ ଭରିବା ପୂର୍ବରୁ ନିଆଁ ଲାଗିଥିବାରୁ ବଡ ଅଘଟଣ ଟଳି ଯାଇଛି । ମଙ୍ଗଳବାର ଚେନ୍ନାଇର ଅନ୍ତର୍ଜାତୀୟ ବିମାନ ବନ୍ଦରରେ ଏହି ଅଘଟଣ ଘଟିଥିଲା । ବିମାନର ବାମ ୱିଙ୍ଗରେ ନିଆଁ ଲାଗିଯାଇଥିଲା । ବିମାନ ରନୱେରୁ ଉଡାଣ ଭରିବାକୁ ଯାଉଥିବା ସମୟରେ ନିଆଁ ଲାଗିଥିବା ଦେଖିଥିଲେ ବିମାନର ପାଇଲଟ। ଏହା ପରେ ଉଡାଣ ବନ୍ଦ କରାଯାଇଥିଲା ଓ ସମସ୍ତ ଯାତ୍ରୀଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଛି । ଆଜି ଅପରାହ୍ନରେ ଚେନ୍ନାଇର ଅନ୍ତର୍ଜାତୀୟ ବିମାନ ବନ୍ଦରରେ ଏହି ଅଘଟଣ ଘଟିଛି । ଏତିହାଡ୍ ଏୟାରୱେସର ଫ୍ଲାଇଟ ନମ୍ବର ଇୱାଇ୩୪୩ରେ ନିଆଁ ଲାଗିଥିଲା । ଏହି ବିମାନଟି ଚେନ୍ନାଇରୁ ଆବୁଧାବି ଯାଉଥିଲା ଓ ପାଖାପାଖି ୨୮୦ ଯାତ୍ରୀ ଏଥିରେ ଯାତ୍ରା କରୁଥିଲେ । ବିମାନ ବନ୍ଦର ଅଧିକାରୀଙ୍କ ଠାରୁ ମିଳିଥିବା ସୂଚନା ଅନୁଯାୟୀ ସମସ୍ତ ଯାତ୍ରୀ ଓ କ୍ରୁ ସଦସ୍ୟ ସୁରକ୍ଷିତ ଅଛନ୍ତି । ଦମକଳ ବାହିନୀ ତୁରନ୍ତ ନିଆଁକୁ ଆୟତ୍ତ କରିବା ସହ ଏହି ବିମାନକୁ ରଦ୍ଦ କରଯାଇଛି ।

ଆସ୍ଥା ଭୋଟର ସମ୍ମୁଖୀନ ହେବେ ବିଜୟ

ତାମିଲନାଡୁ ରାଜନୀତିରେ ନୂଆ ଟ୍ୱିଷ୍ଟ। ଆସନ୍ତାକାଲିର ଗୁରୁତ୍ୱପୂର୍ଣ୍ଣ ଆସ୍ଥା ଭୋଟର ସମ୍ମୁଖୀନ ହେବେ ତାମିଲନାଡୁର ନୂଆ ମୁଖ୍ୟମନ୍ତ୍ରୀ ଥାଲାପତି ବିଜୟ। ବିଧାନସଭାରେ ତାଙ୍କୁ ଦେବାକୁ ପଡିବ ସଂଖ୍ୟା ଗରିଷ୍ଠତାର ପ୍ରମାଣ। ଏହାପୂର୍ବରୁ ବିଜୟ ଏଆଇଏଡିଏମକେର

ବିଦ୍ରୋହୀ ନେତା ଏସ୍‌ପି ଭେଲୁମଣି ଓ ସିଭି ଶନମୁଗମଙ୍କୁ ଭେଟିଛନ୍ତି।

ଏହି ଭେଟଘାଟର ରାଜନୀତିକ ଗୁରୁତ୍ୱ ଯଥେଷ୍ଟ ଅଧିକ ରହିଛି। ଭେଲୁମଣି-ଶନମୁଗମ କ୍ୟାମ୍ପ ପାଖରେ ରହିଛନ୍ତି ଏଆଇଏଡିଏମକର ୪୭ ବିଧାୟକଙ୍କୁ ମଧ୍ୟରୁ ୩୦ ଜଣ। ଆସନ୍ତକାଲି ସମ୍ଭବତଃ ଏହି ୩୦ ବିଧାୟକ ବିଧାନସଭାରେ ଟିଭିକେ ସୁପ୍ରିମୋ ବିଜୟଙ୍କୁ ସମର୍ଥନ ଘୋଷଣା କରିପାରନ୍ତି।

କାରଣ ଆଜି ମଧ୍ୟାହ୍ନରେ ମୈଲମ ଆସନରୁ ବିଧାନସଭାକୁ ନିର୍ବାଚିତ ହୋଇଥିବା ଶନମୁଗମ ଚେନ୍ନାଇରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କହିଥିଲେ ଯେ ବିଜୟଙ୍କୁ ମୁଖ୍ୟମନ୍ତ୍ରୀ କରିବା ପାଇଁ ଜନାଦେଶ ହୋଇଛି। ଲୋକେ ବିଜୟଙ୍କୁ ମୁଖ୍ୟମନ୍ତ୍ରୀ କରିବା ପାଇଁ ଭୋଟ୍ ଦେଇଛନ୍ତି। ତେଣୁ ଆମେ ଲୋକଙ୍କ ନିଷ୍ପତ୍ତିକୁ ସମ୍ମାନ ଦେଉଛୁ। ସେହି ଜନାଦେଶକୁ ସମ୍ମାନ ଜଣାଇ ଆମେ ପୂର୍ଣ୍ଣ ଆନ୍ତରିକତାର ସହିତ ମୁଖ୍ୟମନ୍ତ୍ରୀ ବିଜୟଙ୍କୁ ଅଭିନନ୍ଦନ ଜଣାଉଛୁ।

ଆମେ ଏଆଇଏଡିଏମ୍‌କେର ବିଧାୟକ ଦଳର ସଦସ୍ୟ ଭାବେ ମୁଖ୍ୟମନ୍ତ୍ରୀ ବିଜୟଙ୍କ ନେତୃତ୍ୱାଧୀନ ଟିଭିକେ ସରକାରଙ୍କୁ ପୂର୍ଣ୍ଣ ସମର୍ଥନ ଜଣାଉଛୁ। ତାଙ୍କର ଏପରି ବୟାନ ପରେ ବିଜୟ ମଧ୍ୟାହ୍ନରେ ଯାଇ ଶନମୁଗମ ଓ ଭେଲୁମଣିଙ୍କୁ ଭେଟିଛନ୍ତି।

ବିଜୟର ଆଜି ଅପରାହ୍ନରେ ସ୍ଥାନୀୟ ଏଆଇଏଡିଏମକେ ଦଳୀୟ ଅଫିସରେ ପହଞ୍ଚିଥିଲେ। ଏଠାରେ ତାଙ୍କୁ ଶନମୁଗମ, ଭେଲୁମଣି ଓ ଅନ୍ୟ ଦଳୀୟ ନେତାମାନେ ସ୍ୱାଗତ କରିଥିଲେ। ବିଜୟ ମଧ୍ୟ ଏଆଇଏଡିଏମକେ ନେତାମାନଙ୍କ ସହ ବେଶ କିଛି ସମୟ କଥା ହୋଇଛନ୍ତି। ତେଣୁ ଆସନ୍ତାକାଲି ଶନମୁଗମଙ୍କ ଟିମ ବିଜୟଙ୍କୁ ସମର୍ଥନ କରିବାର ଯଥେଷ୍ଟ ସମ୍ଭାବନା ରହିଛି। ବିଜୟଙ୍କ ଦଳ ତାମିଲନାଡୁ ବିଧାନସଭାର ୨୩୪ ଆସନରୁ ୧୦୮ରେ ଜିତିଥିଲା। କିନ୍ତୁ ଏହା ମଧ୍ୟରେ ବିଜୟଙ୍କ ଦୁଇଟି ଆସନ ରହିଛି। ତେଣୁ ସେ ଗୋଟିଏ ଆସନରୁ ଇସ୍ତଫା ଦେବା ପରେ ଏହି ସଂଖ୍ୟା ୧୦୭କୁ ଖସି ଆସିବ। ଜଣେ ନେତା କୋର୍ଟ କଟକଣା ଯୋଗୁ ବିଧାୟକ ଭେବେ ଶପଥ ନେଇ ପାରି ନାହାନ୍ତି। ଅର୍ଥାତ ବିଜୟଙ୍କ ପାଖରେ ୧୦୬ ବିଧାୟକ ରହିଛନ୍ତି। ବିଜୟଙ୍କୁ କଂଗ୍ରେସର ୫, ବାମଦଳର ୪, ଭିସିକେ ଓ ମୁସଲିମ ଲିଗର ୨ ଜଣ ଲେଖାଏ ବିଧାୟକ ସମର୍ଥନ କରୁଛନ୍ତି। ଏହାବାଦ ଏଆଇଏଡିଏମକର ୩୦ ଜଣ ବିଧାୟକ ମଧ୍ୟ ବିଜୟଙ୍କୁ ସମର୍ଥନ ଆଜି କରୁଥିବା କହିଛନ୍ତି। ତେଣୁ ଆସ୍ଥା ଭୋଟରେ ବିଜୟ ଜିତିବା ସୁନିଶ୍ଚିତ।

ତାମିଲନାଡୁରେ ବନ୍ଦ ହେବ ୭୧୭ ମଦ ଦୋକାନ

ବେଙ୍ଗାଲୁରୁ,୧୨।୫(ନି.ପ୍ର.): ତାମିଲନାଡୁର ନୂତନ ମୁଖ୍ୟମନ୍ତ୍ରୀ କି ଜୋସେଫ୍ ବିଜୟ କ୍ଷମତାକୁ ଆସୁ ଆସୁ ବଡ଼ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ରାଜ୍ୟରେ ୭୦୦ରୁ ଉର୍ଦ୍ଧ୍ୱ ମଦ ଦୋକାନ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ବିଜୟ ସରକାର । ସରକାରୀ ନିର୍ଦ୍ଦେଶନାମା ଜାରି ହେବାର ୨ ସପ୍ତାହ ମଧ୍ୟରେ ସମସ୍ତ ବନ୍ଦ ଦୋକାନରେ ତାଲା ପକାଇବାକୁ ନିର୍ଦ୍ଦେଶ ଦେଇଛନ୍ତି । ଗତ ରବିବାର ଦିନ ବିଜୟ ତାଙ୍କର ସରକାର ଗଢ଼ିଥିଲେ । ତେବେ ମଙ୍ଗଳବାର ସେ ବଡ଼ ନିଷ୍ପତ୍ତି ଗ୍ରହଣ କରିଛନ୍ତି । ତାମିଲନାଡୁ ମୁଖ୍ୟମନ୍ତ୍ରୀ ୭୧୭ଟି ମଦ ଦୋକାନ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଜାରି କରିଛନ୍ତି। ଯେଉଁ ମଦ ଦୋକାନ ଗୁଡ଼ିକ ଧାର୍ମିକ ସ୍ଥଳ, ଶିକ୍ଷାନୁଷ୍ଠାନ ଏବଂ ବସ୍ ଷ୍ଟେସନର ୫୦୦ ମିଟର ମଧ୍ୟରେ ରହିଛି ସେହିଗୁଡ଼ିକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ତାମିଲନାଡୁ ଷ୍ଟେଟ୍ ମାର୍କେଟିଂ କର୍ପୋରେସନ୍ ଅଧୀନରେ ରାଜ୍ୟରେ ମୋଟ ୪,୭୬୫ଟି ମଦ ଦୋକାନ ଚାଲୁଛି । ସେଥିମଧ୍ୟରୁ ଧାର୍ମିକ ସ୍ଥଳ ନିକଟରେ ୨୭୬ଟି, ଶିକ୍ଷାନୁଷ୍ଠାନ ନିକଟରେ ୧୮୬ଟି ଏବଂ ବସ୍ ଷ୍ଟାଣ୍ଡ ନିକଟରେ ଥିବା ୨୫୫ଟି ମଦ ଦୋକାନକୁ ଆସନ୍ତା ଦୁଇ ସପ୍ତାହ ମଧ୍ୟରେ ବନ୍ଦ କରାଯିବ ବୋଲି ସରକାର କହିଛନ୍ତି ।

୪ କୋଟିର ଗଞ୍ଜେଇ ଜବତ, ୨ ଯୁବକ ଅଟକ

ଭୁବନେଶ୍ୱର ଏୟାରପୋର୍ଟରେ ଡ୍ରଗ୍ସ ରାକେଟ୍‌ର ପର୍ଦ୍ଦାଫାଶ

ଭୁବନେଶ୍ୱର,୧୨।୫(ନି.ପ୍ର.): ଭୁବନେଶ୍ୱର ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନବନ୍ଦରରେ ଆଜି ସକାଳେ ବଡ଼ ଧରଣର ଡ୍ରଗ୍ସ ଚାଲାଣ ଧରାପଡ଼ିଛି। ଡାଇରେକ୍ଟରେଟ୍ ଅଫ୍ ରେଭେନ୍ୟୁ ଇଣ୍ଟେଲିଜେନ୍ସ (ଡିଆରଆଇ) ଓ କଷ୍ଟମ୍ସ ବିଭାଗର ମିଳିତ ଚଢ଼ାଉରେ ପ୍ରାୟ ୧୧ କେଜି 'ହାଇଡ୍ରୋପୋନିକ୍ ଗଞ୍ଜେଇ' ବା ମାରିଜୁଆନା ଜବତ କରାଯାଇଛି। ଆନ୍ତର୍ଜାତୀୟ ବଜାରରେ ଏହାର ମୂଲ୍ୟ ପ୍ରାୟ ୪ କୋଟି ଟଙ୍କା ହେବ ବୋଲି ଅନୁମାନ କରାଯାଉଛି।

ସୂଚନା ଅନୁସାରେ, ବ୍ୟାଙ୍କକରୁ ଭୁବନେଶ୍ୱର ଆସୁଥିବା ଏକ ଇଣ୍ଡିଗୋ ବିମାନରେ ଦୁଇ ଜଣ ତାମିଲ୍ ଯୁବକ ଏହି ମାଦକ ଦ୍ରବ୍ୟ ଚାଲାଣ କରୁଥିଲେ। ପୂର୍ବରୁ ମିଳିଥିବା ଗୁପ୍ତ ସୂଚନା ଆଧାରରେ ଡିଆରଆଇ ଓ କଷ୍ଟମ୍ସ ଅଧିକାରୀମାନେ ବିମାନବନ୍ଦରରେ ନଜର ରଖିଥିଲେ। ସନ୍ଦେହଜନକ ଭାବେ ଯାଉଥିବା ଦୁଇ ଯୁବକଙ୍କୁ ଅଟକାଇ ସେମାନଙ୍କ ବ୍ୟାଗ ତଲାସି କରାଯାଇଥିଲା। ତଲାସି ସମୟରେ ବ୍ୟାଗ ଭିତରୁ ବିପୁଳ ପରିମାଣର ହାଇଡ୍ରୋପୋନିକ୍ ଗଞ୍ଜେଇ ଜବତ ହୋଇଥିଲା।

ଧରାପଡ଼ିଥିବା ଦୁଇ ତାମିଲ୍ ଯୁବକଙ୍କୁ ବର୍ତ୍ତମାନ ଅଧିକାରୀମାନେ ଜେରା କରୁଛନ୍ତି। ଏହି ଚାଲାଣ ପଛରେ କେଉଁ ଆନ୍ତର୍ଜାତୀୟ ରାକେଟ୍ କାର୍ଯ୍ୟ କରୁଛି ଏବଂ ଏହାର ଲିଙ୍କ୍ ଓଡ଼ିଶା ପର୍ଯ୍ୟନ୍ତ କିପରି ପହଞ୍ଚିଲା, ସେନେଇ ତଦନ୍ତ ଜାରି ରହିଛି।

ଏଠାରେ କହିରଖୁଛୁ ଯେ, ହାଇଡ୍ରୋପୋନିକ୍ ଗଞ୍ଜେଇ ସାଧାରଣ ଗଞ୍ଜେଇଠାରୁ ଅଧିକ ନିଶାଜନକ ଓ ଦାମୀ। ବିଦେଶୀ ବଜାରରେ ଏହାର ଚାହିଦା ବେଶି ଥିବାରୁ ଡ୍ରଗ୍ସ ମାଫିଆମାନେ ଏହାକୁ ଗୁପ୍ତ ଭାବେ ଚାଲାଣ କରୁଥାନ୍ତି। ଭୁବନେଶ୍ୱର ବିମାନବନ୍ଦରରେ ଏପରି ବଡ଼ ଧରଣର ଡ୍ରଗ୍ସ ଜବତ ଘଟଣା ସୁରକ୍ଷା ଏଜେନ୍ସିମାନଙ୍କ ଚିନ୍ତା ବଢ଼ାଇଦେଇଛି।

ଏଥର ସମୟ ପୂର୍ବରୁ ଆସିବା ନେଇ ଆଇଏମଡିର ପୂର୍ବାନୁମାନ

ଭୁବନେଶ୍ୱର,୧୨।୫(ନି.ପ୍ର.):: ଏଥର ସଅଳ ଆସିବ ମୌସୁମୀ। ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁର ଆଗମନ ପାଇଁ ବାଟ ଏବେ ପ୍ରାୟ ସଫା ହୋଇଯାଇଛି। ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ, ଆସନ୍ତା ମେ' ୨୦ ସୁଦ୍ଧା ମୌସୁମୀ ବାୟୁ ଆଣ୍ଡାମାନ ସାଗର, ଦକ୍ଷିଣ ବଙ୍ଗୋପସାଗର ଏବଂ ଆଣ୍ଡାମାନ-ନିକୋବର ଦ୍ୱୀପପୁଞ୍ଜର କିଛି ଅଞ୍ଚଳକୁ ପହଞ୍ଚିପାରେ। ଏହା ସହ ଏଥର ମୌସୁମୀ ସ୍ୱାଭାବିକ ସମୟରେ ଭାରତୀୟ ଭୂଖଣ୍ଡକୁ ଛୁଇଁବାର ସମ୍ଭାବନା ବଢ଼ିଛି।

ଭାରତୀୟ ପାଣିପାଗ ବିଭାଗର ଆକଳନ ଅନୁସାରେ, ଚଳିତ ସପ୍ତାହ ଶେଷ ଆଡକୁ ଦକ୍ଷିଣ ବଙ୍ଗୋପସାଗର ଓ ଆଣ୍ଡାମାନ ସାଗର ଅଞ୍ଚଳରେ ପାଗ ମୌସୁମୀ ପାଇଁ ସମ୍ପୂର୍ଣ୍ଣ ଅନୁକୂଳ ହେବ। ମେ' ୧୪ରୁ ୨୦ ମଧ୍ୟରେ ଦକ୍ଷିଣ-ପଶ୍ଚିମ ବାୟୁ ପ୍ରବାହ ଆହୁରି ଶକ୍ତିଶାଳୀ ହେବା ସହ ବର୍ଷାର

ପରିମାଣ ବଢ଼ିବ। ଏହା ମୌସୁମୀ ବାୟୁକୁ ଆଗକୁ ବଢ଼ିବାରେ ସହଯୋଗ କରିବ।ଏହା ସହ ଏରଝ ମଡେଲ ଅନୁଯାୟୀ, ମେ' ୧୪-୧୫ ବେଳକୁ କେନ୍ଦ୍ରୀୟ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ଘନୀଭୂତ ହେବାର ସମ୍ଭାବନା ରହିଛି। ଏହି ଲଘୁଚାପ ମୌସୁମୀ ବାୟୁକୁ ଆଗକୁ ଠେଲିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ। ଏହାର ପ୍ରଭାବରେ ଆଣ୍ଡାମାନ ସହ ତାମିଲନାଡୁ ଓ କେରଳର କିଛି ଅଞ୍ଚଳରେ ଘଡ଼ଘଡ଼ି ସହ ବର୍ଷା ଆରମ୍ଭ ହୋଇସାରିଛି।ସାଧାରଣତଃ ଜୁନ୍ ୧ରେ କେରଳ ଉପକୂଳରେ ମୌସୁମୀ ପହଞ୍ଚୁଥିବା ବେଳେ, ଏଥର ଏହା ଠିକ୍ ସମୟରେ କିମ୍ବା କେତେକ ଅଞ୍ଚଳରେ ତା'ପୂର୍ବରୁ ମଧ୍ୟ ପହଞ୍ଚିପାରେ ବୋଲି ଆକଳନ କରାଯାଉଛି। ଚାଷୀମାନଙ୍କ ପାଇଁ ଏହା ଏକ ଖୁସିର ଖବର ହୋଇଥିବା ବେଳେ, ତୀବ୍ର ଗ୍ରୀଷ୍ମ ଓ ଅସହ୍ୟ ତାତିରେ କଲବଲ ହେଉଥିବା ସାଧାରଣ ଲୋକଙ୍କୁ ମଧ୍ୟ ଆଶ୍ୱସ୍ତି ଦେଇଛି। ଏବେ ସମସ୍ତଙ୍କ ନଜର ମୌସୁମୀର ପ୍ରଥମ ବର୍ଷା ଉପରେ।

ଡାହୁକ



ବିଛା ମନ୍ତ୍ର ଜାଣି ସାପ ଗାତେ ହାତ
ପୁରାନ୍ତି ନେବାକୁ ନାମ
କୋଢିଆ ହାତରେ ଧରେଇଚେ କୋଡି
କରିବ କଅଣ କାମ
ବହପ୍ପଟ କଥା କହି
ବାଇଆ କରେଇ ଅନ୍ଧ ଭକତଙ୍କୁ
ଦେଶଟାକୁ ଯାଏ ଖାଇ।
-ବିଧୁ

ଭଙ୍ଗାଘରେ ରହୁଛନ୍ତି ବୃଦ୍ଧ ଦମ୍ପତି

କୁଚିଣ୍ଡା,୧୦।୫(ନି.ପ୍ର.) :ଦୁଇ ବର୍ଷ ହେବ ଲଘୁଚାପ ଜନିତ ଲଗାଣ ବର୍ଷାରେ ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ ଅନ୍ତର୍ଗତ ଲାଡ ଗ୍ରାମର

ଘର ଖଣ୍ଡେ ପାଇଁ ଅନୁରୋଧ କରିଛନ୍ତି ଉକିଆ

ବୃଦ୍ଧା ମହିଳା ଉକିଆ ରାଉତଙ୍କ ଘରଟି ଭାଙ୍ଗି ଯାଇଛି। ଫଳରେ ଭାଙ୍ଗି ଯିବାରୁ ରହିବା ଓ ରୋଷେଇବାସ କରିବା ପାଇଁ ଏବେ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ପରିବାର

କହିଲେ ଉକିଆଙ୍କ ସମେତ ତାଙ୍କର ବୃଦ୍ଧ ସ୍ୱାମୀ। ପୁଅ ଦିଜଣ ବିବାହ ପରେ ଅଲଗା ହୋଇ ରହୁଛନ୍ତି ।ଉକିଆଙ୍କୁ ସରକାରୀ ସହାୟତା କହିଲେ । କୁଚିଣ୍ଡା ଆର୍ ଆଇ ଅଫିସରୁ ତ୍ରିପାଲ ଖଣ୍ଡିଏ ଯାହା ମିଳିଥିଲା ତାହା ମଧ୍ୟ ଚିରି ନଷ୍ଟ ହୋଇଗଲା । ଗ୍ରାମ ପଞ୍ଚାୟତରୁ ଯେଉଁ ବାର୍ଦ୍ଧକ୍ୟ ଭତ୍ତା ମିଳେ ସେହି ଟଙ୍କାରୁ ତ୍ରିପାଲ କିଣି ଘରକୁ ଟାଙ୍ଗିଛନ୍ତି। ଘର ତିଆରି କରିବା ପାଇଁ ବୃଦ୍ଧ ବୃଦ୍ଧା ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ଭଲ ଘର ଖଣ୍ଡେ ନିର୍ମାଣ କରିବାକୁ ସକ୍ଷମ ନୁହଁନ୍ତି । ପଞ୍ଚାୟତରୁ ଯେଉଁ ବାର୍ଦ୍ଧକ୍ୟ ଭତ୍ତା ଓ ୧୦ କେଜି ଚାଉଳ ମିଳେ,ସେଥିରେ ସେମାନେ କଷ୍ଟେ ମଷ୍ଟେ ଚଳିଯାଆନ୍ତି ବୋଲି ଉକିଆ କହିଛନ୍ତି। ଘର ଖଣ୍ଡିଏ ପାଇଁ ୱାର୍ଡ଼ ମେମ୍ବରଙ୍କ ଠାରୁ ଆରମ୍ଭ କରି ବ୍ଲକ,ପ୍ରଶାସନ ପାଖରେ ବହୁବାର ଗୁହାରି କରିଥିଲେ ମଧ୍ୟ ତାଙ୍କ କଥା କେହି କର୍ଣ୍ଣପାତ କରୁନଥିବା ସେ କହିଛନ୍ତି। ଆଗକୁ ବର୍ଷା ଥିବାରୁ କେମିତି ଏହି ଭଙ୍ଗା ଘରେ ରହିବୁ ବୋଲି ବୃଦ୍ଧ ବୃଦ୍ଧା କହିଛନ୍ତି। ଯଥାଶିଘ୍ର ଉପଯୁକ୍ତ ତଦନ୍ତ କରି ଘର ଖଣ୍ଡିଏ ଯୋଗାଇଦେବାକୁ ରାଜ୍ୟ ସରକାର ତଥା ପ୍ରଶାସନକୁ ଅନୁରୋଧ କରିଛନ୍ତି ।

ହତ୍ୟାକାରୀଙ୍କୁ ଗୁଳି

ଝାରସୁଗୁଡ଼ା,୧୨।୫(ନି.ପ୍ର.): ଝାରସୁଗୁଡ଼ା ପୁଲିସକୁ ମିଳିଛି ଏକ ବଡ଼ ସଫଳତା। ବେଲପାହାଡ଼ ଅଞ୍ଚଳରେ ଘଟିଥିବା ଏକ ଚାଞ୍ଚଲ୍ୟକର ହତ୍ୟାକାଣ୍ଡର ଦୁଇ ଜଣ ପ୍ରମୁଖ ଅଭିଯୁକ୍ତ ପୁଲିସ ହାତରେ ଧରାପଡିଛନ୍ତି। ସେମାନେ ପୁଲିସ୍? ଏନକାଉଣ୍ଟରରେ ଆହତ ହୋଇଛନ୍ତି । ସେମାନେ ହେଲେ ସମ୍ବଲପୁର ବୁର୍ଲା ଥାନା ଅନ୍ତର୍ଗତ ଗୌରପାଲି ଓସିବି କଲୋନୀର ସୁନୀଲ ମହାନନ୍ଦ ଓରଫ ଟାବୁ (୨୨) ଏବଂ ଚାନ୍ଦ ବନଛୋର (୨୫) । ବେଲପାହାଡ଼ ଥାନା କର୍ଲାଖମନ ନିକଟରେ ଏହି ଏନ୍‌କାଉଣ୍ଟର ହୋଇଥିଲା। ଅଭିଯୁକ୍ତ ଦ୍ୱୟ ସେଠାରେ ଥିବା ଖବର ପାଇ ପୁଲିସ ସେଠାରେ ପହଞ୍ଚିଥିଲା। ଅଭିଯୁକ୍ତ ଦ୍ୱୟ ଖସି ଯିବା ପାଇଁ ପୁଲିସ ଉପରକୁ ୪ ରାଉଣ୍ଡ ଗୁଳି କରିଥିଲେ। ପୁଲିସ ଏହାର ପାଲଟା ଜବାବ ଦେଇଥିଲା। ଦୁଇ ଅଭିଯୁକ୍ତଙ୍କ ଜଙ୍ଘରେ ଗୁଳି ବାଜିଥିଲା। ଉଭୟଙ୍କୁ ଉଦ୍ଧାର କରାଯାଇ ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।